# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 10 September – 2025

## ଉପରାଷ୍ଟ୍ରପତି

ଦେଶର ପଂଚଦଶ ଉପରାଷ୍ଟ୍ରପତି ଭାବେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ପ୍ରାର୍ଥୀ ସି.ପି.ରାଧାକ୍ରିଷ୍ଣନ ବିଜୟୀ ହୋଇଛନ୍ତି । ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ ତଥା ଇଣ୍ଡିମେଂଟ ପ୍ରାର୍ଥୀ ଜଷ୍ଟିସ୍ ବି. ସୁଦର୍ଶନ ରେଡ୍ଡୀଙ୍କୁ ୧୫୨ ଖଣ୍ଡ ଭୋଟ୍‌ରେ ପରାସ୍ତ କରିଛନ୍ତି । ଶ୍ରୀ ରାଧାକ୍ରିଷ୍ଣନଙ୍କୁ ମୋଟ୍ ୪୫୨ଟି ପ୍ରଥମ ଅଗ୍ରାଧିକାର ଭୋଟ୍ ମିଳିଥିବା ବେଳେ ଜଷ୍ଟିସ୍ ରେଡ୍ଡୀଙ୍କୁ ୩୦୦ ଭୋଟ୍ ମିଳିଥିଲା ।

ବିଜୟୀ ହେବା ପରେ ଶ୍ରୀ ରାଧାକ୍ରିଷ୍ଣନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଶୁଭେଚ୍ଛା ଜଣାଇଛନ୍ତି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭେଚ୍ଛା ଜଣାଇଛନ୍ତି ।

## କ୍ୟାବିନେଟ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ କ୍ୟାବିନେଟ୍‌ର ଏକ ବୈଠକ ଅନୁଷ୍ଠିତ ହେବ । ଭୁବନେଶ୍ୱର ଲୋକସେବା ଭବନରେ ସନ୍ଧ୍ୟାରେ ହେବାକୁ ଥିବା ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ନେଇ ଆଲୋଚନା ହେବାର ସମ୍ଭାବନା ରହିଛି ।

## କେନ୍ଦ୍ରମନ୍ତ୍ରୀ-ରେଳ

ରାଜ୍ୟରେ ରେଳ କ୍ଷେତ୍ରର ବିକାଶ, ଯାତାୟାତ ସହ ପରିବହନ ପଥକୁ ସୁଗମ କରିବା ସଂପର୍କରେ ନୂଆଦିଲ୍ଲୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ' ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରିଛନ୍ତି । ଶ୍ରୀ ପ୍ରଧାନ କହିଛନ୍ତି, ଓଡ଼ିଶାରେ ରେଳବାଇ ପକ୍ଷରୁ ନୂଆ ରେଳ ଲାଇନ୍, ରେଳ ଲାଇନ୍‌ର ଦୋହରୀକରଣ ଆଦି ପାଇଁ ୯୦ ହଜାର କୋଟିଟଙ୍କାର କାର୍ଯ୍ୟ କ୍ରିୟାନ୍ୱୟନ ହେଉଛି । ରାଜ୍ୟର କୋଇଲା ଉତ୍ପାଦନକାରୀ ଅଂଚଳ ଗୁଡ଼ିକରେ ରେଳ ପରିବହନକୁ ତ୍ୱରାନ୍ୱିତ କରିବା ପାଇଁ ଆଲୋଚନା ହୋଇଥିବା ଶ୍ରୀ ପ୍ରଧାନ କହିଛନ୍ତି ।

---

## ଇ-ଯାନ

ଓଡ଼ିଶା ଇଭି ପଲିସି ବା ଇ-ଯାନ ନୀତି ପାଇଁ ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଚିଠା ପ୍ରସ୍ତାବ ଜାରି କରାଯାଇଛି । ରାଜ୍ୟରେ ଆଗାମୀ ୨୦୩୬ ମସିହାସୁଦ୍ଧା ଏହି ନୀତି ଅନୁଯାୟୀ ୭୦ ପ୍ରତିଶତ ଏବଂ ୨୦୪୭ ମସିହା ସୁଦ୍ଧା ୮୦ ପ୍ରତିଶତ ଇ-ଯାନ ଚଳାଚଳ ପାଇଁ ଲକ୍ଷ୍ୟ ରଖାଯାଇଛି । ଶିକ୍ଷାନୁଷ୍ଠାନଗୁଡ଼ିକୁ ମଧ୍ୟ ଆସନ୍ତା ୧ ବର୍ଷ ମଧ୍ୟରେ ଇ-ଯାନ ଆପଣାଇବା ପାଇଁ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି । ଏହି ନୂତନ ନୀତି ବିଜ୍ଞପ୍ତି ପ୍ରକାଶିତ ହେବାଠାରୁ ୨୦୩୦ ମସିହା ଡିସେମ୍ବର ମାସ ପର୍ଯ୍ୟନ୍ତ ବଳବତର ରହିବ ।

---

## ସୁଭଦ୍ରା

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ଆଜି ଭୁବନେଶ୍ୱରରେ ସୁଭଦ୍ରା ଯୋଜନା ସଂପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ । ବୈଠକରେ

ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରିବା ପାଇଁ ପଦକ୍ଷେପ ନିଆଯିବ। ଏହା ସହ ଯୋଜନାରେ ସାମିଲ ହୋଇଥିବା ଅଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ସଂପର୍କରେ ଆଲୋଚନା କରାଯିବ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

## ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ଆଜି ଚଳିତ ଆର୍ଥିକବର୍ଷର ପ୍ରଥମ ତୀର୍ଥଯାତ୍ରା ଟ୍ରେନ୍ ଭୁବନେଶ୍ୱରରୁ ଅଯୋଧ୍ୟା ବାରାଣାସୀ ଅଭିମୁଖେ ଯାତ୍ରା ଆରମ୍ଭ କରିବ। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ଏହାର ଶୁଭାରମ୍ଭ କରିବେ। ଏହି ଟ୍ରେନ୍‌ରେ ରାଜ୍ୟର ୬ଟି ଜିଲ୍ଲାରୁ ମୋଟ୍ ୭୭୫ ଜଣ ବରିଷ୍ଠ ନାଗରିକଙ୍କ ସହ ୨୫ ଜଣ ଏସକର୍ଟ ଅଧିକାରୀ ମଧ୍ୟ ଯାତ୍ରା କରିବେ।

## ବୈଠକ

କଟକ ଜିଲ୍ଲା ରାଜସ୍ୱ ଓ ଭୂ-ଅର୍ଜନ ସମ୍ପର୍କୀୟ ସମୀକ୍ଷା ବୈଠକ ଗତକାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିବା, ଅବ୍ୟବହୃତ ଜମିକୁ ବିଭିନ୍ନ ପ୍ରକଳ୍ପ ପାଇଁ ବ୍ୟବହାର କରିବା ଏବଂ ଚକବନ୍ଦୀ ଆଦି ବିଷୟରେ ବିସ୍ତୃତ ଆଲୋଚନା ହୋଇଛି । ଅଦାଲତ ଗୁଡ଼ିକରେ ପଡ଼ିରହିଥିବା ଜମିଜମା ଓ ରାଜସ୍ୱ ମାମଲାଗୁଡ଼ିକର ତ୍ୱରିତ ଫଏସଲା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ପରାମର୍ଶ ଦେଇଛନ୍ତି ।

## ଶେଷକୃତ୍ୟ

ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢ଼ୋଲକିଆଙ୍କର ଗତ ସନ୍ଧ୍ୟାରେ ଶେଷକୃତ୍ୟ ସଂପନ୍ନ ହୋଇଛି । ବହୁ ନେତା, କର୍ମୀ ଏବଂ ସମାଜର ବିଭିନ୍ନ ବର୍ଗର ଲୋକ ତାଙ୍କର ଶେଷଦର୍ଶନ କରିଥିଲେ । ନୂଆପଡ଼ାରୁ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଶ୍ରୀ ଢ଼ୋଲକିଆଙ୍କର ଗତ ସୋମବାର ଦିନ ୬୮ ବର୍ଷ ବୟସରେ ପରଲୋକ ହୋଇଛି ।

---

## ଆତ୍ମହତ୍ୟା ନିବାରଣ ଦିବସ

ଆତ୍ମହତ୍ୟା ପ୍ରବଣତାଠାରୁ ଲୋକଙ୍କୁ ଦୂରେଇରଖିବା ଲକ୍ଷ୍ୟ ନେଇ ଆଜି ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ ପାଳନ କରାଯାଉଛି । ପ୍ରତ୍ୟେକ ଆତ୍ମହତ୍ୟା ସାମାଜିକ, ଭାବପ୍ରବଣ ଏବଂ ଅର୍ଥନୈତିକ ପରିଣାମର ପ୍ରଭାବ ଭାବେ ବିବେଚନା କରାଯାଇଛି । ଚଳିତବର୍ଷର ବିଷୟବସ୍ତୁ ରହିଛି **ଆତ୍ମହତ୍ୟା ଉପରେ ବର୍ଣ୍ଣନା ପରିବର୍ତ୍ତନ କରିବା ।** ଗତବର୍ଷଠାରୁ ଆସନ୍ତାବର୍ଷ ପର୍ଯ୍ୟନ୍ତ ପୂରଣ କରାଯାଇ ପାରିଥିବା ଏହି ପ୍ରସଙ୍ଗକୁ ଆଧାରକରି ଆଜି ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସହଭାଗିତାରେ ଗତ ୨୦୦୩ ମସିହାରୁ ଏହି ଦିବସ ପାଳିତ ହୋଇଆସୁଛି ।

---

## ଶେଷକୃତ୍ୟ

ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ଢ଼ୋଲକିଆଙ୍କର ଗତ ସନ୍ଧ୍ୟାରେ ଶେଷକୃତ୍ୟ ସଂପନ୍ନ ହୋଇଛି । ବହୁ ନେତା, କର୍ମୀ ଏବଂ ସମାଜର ବିଭିନ୍ନ ବର୍ଗର ଲୋକ ତାଙ୍କର ଶେଷଦର୍ଶନ କରିଥିଲେ ।

ନୂଆପଡ଼ାରୁ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ଶ୍ରୀ ଢ଼ୋଲକିଆଙ୍କର ଗତ ସୋମବାର ଦିନ ୬୮ ବର୍ଷ ବୟସରେ ପରଲୋକ ହୋଇଛି ।

## ଆଦି କର୍ମଯୋଗୀ ଅଭିଯାନ

କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ଠାରେ ଆଦି କର୍ମଯୋଗୀ ଅଭିଯାନରେ ବ୍ଲକସ୍ତରୀୟ ପ୍ରଶିକ୍ଷଣ ପାଇଁ ତାଲିମ ଶିବିରର ଉଦ୍‌ଘାଟନ ହୋଇଯାଇଛି । କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ପାଓ୍ୱାର ସଚିନ୍ ପ୍ରକାଶ ଉଦ୍‌ଘାଟନ କରିବା ସହ ଆଦି କର୍ମଯୋଗୀ ଅଭିଯାନ ସଂପର୍କରେ ଆଲୋଚନା କରିଥିଲେ ।

## ନିଯୁକ୍ତି ମେଳା

ଭଦ୍ରକ ଜିଲ୍ଲା ଭଣ୍ଡାରୀପୋଖରୀ ସରକାରୀ ତାଲିମ ପ୍ରତିଷ୍ଠାନରେ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ମେଳାରେ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ ।

# ପାଣିପାଗ

ଦକ୍ଷିଣ ଓଡ଼ିଶା ଏବଂ ଉତର ଆନ୍ଧ୍ରପ୍ରଦେଶ ଉପକୂଳ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଆସନ୍ତା ୨୪ ଘଂଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।